# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**2 June – 2026**

**********************************

## ମୁଖ୍ୟ ସମ୍ବାଦ

- ଶିକ୍ଷା ସମସ୍ତଙ୍କୁ ଆତ୍ମନିର୍ଭରଶୀଳ, ସଚେତନ ଏବଂ ସଶକ୍ତ କରିଥାଏ; କହିଲେ ରାଷ୍ଟ୍ରପତି
- ଆଜିଠାରୁ କାର୍ଯ୍ୟକ୍ଷମ ହେଲା ସିବିଏସ୍‌ଇ ଉତ୍ତରଖାତା ପୁନଃମୂଲ୍ୟାୟନ ପୋର୍ଟାଲ
- ବିପର୍ଯ୍ୟୟ ପରିଚାଳନାକୁ ନେଇ ପୁରୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ବ୍ରିକ୍ସ ରାଷ୍ଟ୍ର ସମୂହ ବୈଠକ

ଏବଂ

- ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ଗୁରୁବାର ସୁଦ୍ଧା  କେରଳମ ଛୁଇଁବା ନେଇ ପାଣିପାଗ ବିଭାଗର ଆକଳନ

English Pool

## ରାଷ୍ଟ୍ରପତି– ଛାତ୍ରବୃତ୍ତି ଯୋଜନା

ଶିକ୍ଷା ହେଉଛି ସଶକ୍ତିକରଣର ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ନୂଆଦିଲ୍ଲୀରେ ଆଜି ଛାତ୍ରବୃତ୍ତି ଯୋଜନାର ଜନଜାତି ହିତାଧିକାରୀଙ୍କୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ଶିକ୍ଷା ସମସ୍ତଙ୍କୁ ଆତ୍ମନିର୍ଭରଶୀଳ, ସଚେତନ ଏବଂ ସଶକ୍ତ କରିଥାଏ। ସମାଜର ପ୍ରତ୍ୟେକ ବର୍ଗ ସାମାଜିକ, ଆର୍ଥିକ ଏବଂ ଶିକ୍ଷାଗତ ଦୃଷ୍ଟିକୋଣରୁ ଉନ୍ନତ ହେଲେ ବିକଶିତ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି। ସରକାରୀ ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ ଉପଲବ୍ଧ ଉଚ୍ଚଶିକ୍ଷା ଏବଂ ନୂତନ ସୁଯୋଗ ଜନଜାତିଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି। ଦେଶରେ ପ୍ରତିଭାର ଅଭାବ ନାହିଁ। ତେବେ ଏହାକୁ ଚିହ୍ନଟ କରିବା ସହିତ ଆଗକୁ ବଢ଼ିବା ପାଇଁ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିବାର ଆବଶ୍ୟକତା ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି।

**- V/O –**

English Pool

## ବିଚାରପତିଙ୍କ ଶପଥପାଠ

ସୁପ୍ରିମକୋର୍ଟର ୫ ଜଣ ନବନିଯୁକ୍ତ ବିଚାରପତି ଆଜି ଶପଥ ଗ୍ରହଣ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ’ ସେମାନଙ୍କୁ ପଦ ଓ

ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସୁପ୍ରିମକୋର୍ଟ କଲେଜିୟମ୍‌ର ସୁପାରିସ ଆଧାରରେ କେନ୍ଦ୍ର ସରକାର ଏହି ବିଚାରପତିଙ୍କ ନିଯୁକ୍ତିକୁ ଅନୁମୋଦନ କରିଥିଲେ। ଶପଥ ଗ୍ରହଣ କରିଥିବା ବିଚାରପତିଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଭି.ମୋହନାଙ୍କ ସମେତ ଜଷ୍ଟିସ ଶିଲ ନାଗୁ, ଜଷ୍ଟିସ ଶ୍ରୀ ଚନ୍ଦ୍ରଶେଖର, ଜଷ୍ଟିସ ସଞ୍ଜୀବ ସଚଦେବା ଏବଂ ଜଷ୍ଟିସ ଅରୁଣ ପାଲ୍ଲି ପ୍ରମୁଖ ଅଛନ୍ତି।

English Pool

## ସିବିଏସ୍‌ଇ ପୋର୍ଟାଲ

ଛାତ୍ରଛାତ୍ରୀଙ୍କ ଉତ୍ତର ଖାତାଗୁଡ଼ିକର ପୁନଃ ମୂଲ୍ୟାୟନ ସଂକ୍ରାନ୍ତ ପୋର୍ଟାଲ ଆଜିଠାରୁ କାର୍ଯ୍ୟକ୍ଷମ ହୋଇଛି ବୋଲି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ– ସି.ବି.ଏସ୍.ଇ. କହିଛି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଏହି ପୋର୍ଟାଲ ଖୋଲା ରହିବ। ସି.ବି.ଏସ୍.ଇ. ଦେଇଥିବା ସୂଚନା ଅନୁଯାୟୀ, ମୂଲ୍ୟାଙ୍କିତ ଉତ୍ତର ଖାତାର ସ୍କାନ୍ କପି ପାଇଥିବା ଛାତ୍ରଛାତ୍ରୀମାନେ ଏହି ପୋର୍ଟାଲରେ ଆବେଦନ କରିପାରିବେ। ଆବେଦନ ତଥା ମୂଲ୍ୟାୟନ ଯାଞ୍ଚ ପ୍ରକ୍ରିୟା ସୁରକ୍ଷିତ ରଖିବା ପାଇଁ ଛାତ୍ରଛାତ୍ରୀଙ୍କ ଆଧାର କାର୍ଡ ଆବେଦନ ସମୟରେ ପୋର୍ଟାଲରେ ସଂଯୋଗ କରିବାକୁ ପଡ଼ିବ। ତେବେ ଆଧାରକାର୍ଡ ନ ଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସେମାନଙ୍କ ପିତାମାତା କିମ୍ବା ଅଭିଭାବକଙ୍କ ଆଧାର ବିବରଣୀ ପ୍ରଦାନ କରାଯାଇପାରିବ। ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା ପ୍ରତି ଉତ୍ତର ଖାତା ସ୍କାନ୍ କପି ପାଇଁ ୧୦୦ ଟଙ୍କା ଲେଖାଏଁ ଏବଂ ପ୍ରତ୍ୟେକ ପ୍ରଶ୍ନ ପାଇଁ ପୁନଃମୂଲ୍ୟାଙ୍କନ ବାବଦରେ ୨୫ ଟଙ୍କା ଦେୟ

ଦାଖଲ କରିବାକୁ ପଡ଼ିବ । ୟୁ.ପି.ଆଇ., କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ କିମ୍ବା ନେଟ୍ ବ୍ୟାଙ୍କିଙ୍ଗ୍ ଭଳି ଏହି ଦେୟ ପ୍ରଦାନ କରାଯାଇପାରିବ । ମୂଲ୍ୟାଙ୍କିତ ଉତ୍ତରଖାତାର ଯାଞ୍ଚ ଏବଂ ପୁନଃମୂଲ୍ୟାୟନ ପାଇଁ ଆବେଦନ କରିବାର ପ୍ରକ୍ରିୟା ସମ୍ପର୍କରେ ସି.ବି.ଏସ୍.ଇ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏଥିପାଇଁ ଟ୍ୟୁଟୋରିଆଲ୍ ଭିଡିଓକୁ ଦେଖିବାକୁ ସିବିଏସ୍ଇ ପରାମର୍ଶ ଦେଇଛି ।

BBSR/R

## ବସ୍ ଭଡ଼ା

ରାଜ୍ୟ ବୃଦ୍ଧି ପାଇଲା ବସ୍ ଭଡ଼ା । ଆଜିଠାରୁ ବର୍ଦ୍ଧିତ ବସ୍ ଭଡ଼ା ଲାଗୁ ନେଇ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ବୃଦ୍ଧି କରାଯାଇଛି । ସେହିପରି ଡିଲକ୍ସ ଓ ଏସି ଡିଲକ୍ସ କିଲୋମିଟର ପିଛା ୪ ପଇସା ଲେଖାଏଁ ଏବଂ ସୁପର ଡିଲକ୍ସ ବସ୍ଭଡ଼ା ୬ ପଇସା ବୃଦ୍ଧି ପାଇଛି ।

Desk

# କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ରାଜ୍ୟ କ୍ୟାବିନେଟ୍ର ବୈଠକ ଅନୁଷ୍ଠିତ ହେବ । ସନ୍ଧ୍ୟାରେ ହେବାକୁ ଥିବା ବୈଠକରେ ୮ଟି ବିଭାଗର ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିବାର ସମ୍ଭାବନା

ଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଆସନ୍ତା ୧୨ ତାରିଖରେ ରାଜ୍ୟରେ ବିଜେପି ସରକାରକୁ ଦୁଇ ବର୍ଷ ପୂରଣ ହେବାକୁ ଯାଉଛି ।

Desk

## ବ୍ରିକ୍ସ ସମ୍ମିଳନୀ

ବିପର୍ଯ୍ୟୟ ପରିଚାଳନାକୁ ନେଇ ପୁରୀରେ ବ୍ରିକ୍ସ ରାଷ୍ଟ୍ର ସମୂହର ଦ୍ୱିତୀୟ ବୈଷୟିକ ବୈଠକ ଆସନ୍ତାକାଲିଠାରୁ ଆରମ୍ଭ ହେବ । ବୈଠକରେ ବ୍ରିକ୍ସ ଦେଶଗୁଡ଼ିକର ପ୍ରତିନିଧି ଏବଂ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ବ୍ରାଜିଲ, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷିଆ, ସାଉଦିଆରବିଆ, ଦକ୍ଷିଣ ଆଫ୍ରିକା, ୟୁଏଇ ଏବଂ ଚୀନ୍ ଆଦି ଦେଶର ପ୍ରତିନିଧିଗଣ ସମ୍ମିଳନୀରେ ଯୋଗଦେବେ । ବାତ୍ୟା ପରିଚାଳନା, ଗୋଷ୍ଠୀ ଭିତ୍ତିକ ପୂର୍ବ ସଚେତନତା ବ୍ୟବସ୍ଥା, ସଫଳ ଉଦ୍ଧାର ଓ ସ୍ଥାନାନ୍ତରଣ କୌଶଳ କ୍ଷେତ୍ରରେ ଓଡ଼ିଶାର ସକ୍ରିୟ ସଫଳ ଏବଂ ସୁଦୃଢ଼ ପଦକ୍ଷେପ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯିବ । ଓଡ଼ିଶାରେ ବ୍ରିକ୍ସ ରାଷ୍ଟ୍ର ସମୂହକୁ ନେଇ ଏପରି ଏକ ବୈଷୟିକ ସମ୍ମିଳନୀର ଆୟୋଜନ ରାଜ୍ୟର ବିପର୍ଯ୍ୟୟ ପରିଚାଳନାରେ କ୍ଷେତ୍ରରେ ସଫଳତାକୁ ବିଶ୍ୱସ୍ତରରେ ଆହୁରି ସମୃଦ୍ଧ କରିବ ବୋଲି ଆଶା କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନୀ ସମାବେଶରେ ଯୋଗଦେବେ ବୋଲି କାର୍ଯ୍ୟସୂଚୀ ରହିଛି ।  ସମ୍ମିଳନୀ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ ।

Desk

## ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୯ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଗସ୍ତ ଅବସରରେ ରାଷ୍ଟ୍ରପତି ରାଇରଙ୍ଗପୁର ଯିବାର କାର୍ଯସୂଚୀ ରହିଛି ବୋଲି ରାଷ୍ଟ୍ରପତି ଭବନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୦ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ଏ ସର୍ମ୍ପକରେ ସୂଚନା ଦେଇ ସାଂସଦ ନବଚରଣ ମାଝୀ କହିଛନ୍ତି, ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ରାଇରଙ୍ଗପୁରଠାରେ ନବନିର୍ମିତ ଷ୍ଟାଡିୟମ୍‌ର ଉଦ୍‌ଘାଟନ ସମାରୋହରେ ଯୋଗଦେବେ।

**- V/O –**

Desk

## ଉପମୁଖ୍ୟମନ୍ତ୍ରୀ– ଶିଶୁ ଖାଦ୍ୟ

ରାଜ୍ୟର ଶିଶୁମାନଙ୍କ ସାମଗ୍ରୀକ ବିକାଶ ପାଇଁ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱରଠାରେ ଉପମୁଖ୍ୟମନ୍ତ୍ରୀ ରାଜ୍ୟର ଅତିଶୟ କମ୍ ଓଜନର ଶିଶୁଙ୍କୁ ଦିଆଯାଉଥିବା ଖାଦ୍ୟ ଏବଂ ପ୍ରାକ୍ ବିଦ୍ୟାଳୟର ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ସକାଳ ଜଳଖିଆର ମୂଲ୍ୟ ବୃଦ୍ଧି ନେଇ ବାର୍ଷିକ ୧୩୭ କୋଟି ୫୭ ଲକ୍ଷ

ଟଙ୍କାର ଅତିରିକ୍ତ ବ୍ୟୟ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀମତୀ ପରିଡ଼ା ଶିଶୁମାନଙ୍କ ସାମଗ୍ରୀକ ବିକାଶ ପାଇଁ ଜୀବନର ପ୍ରଥମ ହଜାରେ ଦିନର ଡିଜିଟାଲ ପୁସ୍ତକର ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକରେ ଓଡ଼ିଆ ଭାଷାରେ ଅତିସରଳ ଭାବରେ ପ୍ରତିଟି ସ୍ତର ଓ ଶିଶୁଙ୍କ ଯତ୍ନ ସମ୍ପର୍କରେ ବୁଝାଇ ଦିଆଯାଇଥିଲା। ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ହିତାଧିକାରୀଙ୍କ ମଧ୍ୟରେ ଏହି ପୁସ୍ତକ ପହଁଞ୍ଚାଇବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ମୃଣାଳିନୀ ଦର୍ଶଓ୍ୱାଲ ଓ ସମସ୍ତ ୩୦ଟି ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

Desk

## ବାଘୁଣୀ ଜିନ୍ନତ

ଶିମିଳିପାଳ ଅଭୟାରଣ୍ୟରେ ବାଘୁଣୀ ଜିନ୍ନତ ଆଜି ଚାରୋଟି ଶାବକଙ୍କୁ ଜନ୍ମ ଦେଇଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଏହି ସଫଳତା କେବଳ ରାଜ୍ୟରେ ବ୍ୟାଘ୍ର ସଂଖ୍ୟାରେ ବୃଦ୍ଧି ସହିତ ଜୈବବିବିଧତାର ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ପାଇଁ ଏକ ନିରାପଦ ସୁଦୃଢ଼ ବାସସ୍ଥାନ ସୃଷ୍ଟି କରିବାରେ ପ୍ରଶାସନିକ ଦୂରଦୃଷ୍ଟିର ପ୍ରକୃଷ୍ଟ ନିଦର୍ଶନ। ମା' ଓ ଶାବକଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଶିମିଳିପାଳର ଜୈବିକ ସନ୍ତୁଳନକୁ ଅକ୍ଷୁଣ୍ଣ ରଖିବା ଏବଂ

ରାଜ୍ୟର ବନ୍ୟପ୍ରାଣୀ ସଂରକ୍ଷଣ ଯୋଜନାକୁ ଅଧିକ ସୁଦୃଢ଼ କରିବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୨୪ ମସିହା ନଭେମ୍ବର ମାସରେ ମହାରାଷ୍ଟ୍ରର ଟାଡୋବା–ଅନ୍ଧାରି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଜିନ୍ନତକୁ ଶିମିଳିପାଳକୁ ସ୍ଥାନାନ୍ତ କରାଯାଇଥିଲା।

BHK/Nabarangpur

## ଏସ୍.ଆଇ.ଆର୍

ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ନବରଙ୍ଗପୁର ଜିଲ୍ଲାରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ପଦଯାତ୍ରାରେ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଗୌରୀଶଙ୍କର ମାଝୀ, ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ, ଛାତ୍ରଛାତ୍ରୀ ଓ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। ପଦଯାତ୍ରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ନେଇ ଏକ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କାର୍ଯ୍ୟକ୍ରମରେ ଯୋଗଦେଇ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ।

Desk

# ତାପମାତ୍ରା

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ଗୁରୁବାର ସୁଦ୍ଧା କେରଳମ୍ ଛୁଇଁବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ମୌସୁମୀ ଅଗ୍ରସର ନେଇ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଦକ୍ଷିଣ–ପଶ୍ଚିମ, ଦକ୍ଷିଣ-ପୂର୍ବ ଆରବସାଗର,  ଲାକ୍ଷାଦ୍ୱୀପ, କେରଳମ୍ ଓ ତାମିଲନାଡୁର କିଛି ଅଂଶ ମୌସୁମୀ ଛୁଇଁବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ପ୍ରଭାବରେ ତାପମାତ୍ରା ହ୍ରାସ ପାଇଥିଲେ ମଧ୍ୟ ଗୁଳୁଗୁଳି ଜାରି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।